OFFICE OF THE TAHASILDAR SUKRULI

# ତହସିଲଦାରଙ୍କ କାର୍ଯ୍ୟାଳୟ:ଶୁକ୍ରୁଳି:ମୟୂରଭଞ୍ଜ

## ସର୍ବସାଧାରଣ ଇସ୍ତାହାର (Revenue Misc case No. 23/2025)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମିଦେଇ **ଭାରତୀୟ ରେଳ ବିଭାଗ, South Eastern Railway** ତରଫ **Dy. Chief Engineer (Con) S.E. Railway, Tatanagar** ତରଫରୁ **Badampahar** ଠାରୁ **Kendujhargarh new BG Railway Line** ନିର୍ମାଣ ନିମନ୍ତେ ଏଲାଇନେସନ ସୂତ୍ରେ **ରେଳ ବିଭାଗକୁ** ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମି ସରକାରୀ **ସର୍ବସାଧାରଣ** ଖାତାରେ ଏବଂ କିସମ **ରାସ୍ତା** ଅଛି, ତେଣୁ **ଖାତା ଓ କିସମ** ପରିବର୍ତ୍ତନର ଆବଶ୍ୟକ ହେଉଅଛି । ଏଣୁ ଏହି ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର **ପନ୍ଦର (୧୫)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ **କୋର୍ଟ ଫି ଲଗାଇ** ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ

| ମୌଜା ଓ ଥାନା ନଂ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | ଆବଶ୍ୟକ ପରିବର୍ତ୍ତନ |
|---|---|---|---|---|---|
| **କୁସୁନପୁର 134** | 187 (ସର୍ବସାଧାରଣ) | 723 | **ରାସ୍ତା** | **0.02** | ଖାତା-**ଆବାଦ ଯୋଗ୍ୟ ଅନାବାଦୀ** କିସମ-**ପତିତ** |
| | | 776 | **ରାସ୍ତା** | **0.175** | |
| | | 791 | **ରାସ୍ତା** | **0.03** | |
| | | 792 | **ରାସ୍ତା** | **0.02** | |
| | | 731/2157 | **ରାସ୍ତା** | **0.01** | |

ଏହାର ଏକ କିତା ନକଲ **କୁସୁନପୁର** ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଚ୍ଚ ଧ୍ୱନି ବିସ୍ତାରକ ଯନ୍ତ୍ର ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକ କିତା ନକଲ **ସରପଞ୍ଚ ଯାମୁଡୀ ଗ୍ରାମପଞ୍ଚାୟତ**, ରାଜସ୍ୱ ନିରିକ୍ଷକ **ଶୁକ୍ରୁଳି** ତାଙ୍କ ନୋଟିସ ବୋର୍ଡରେ ବିଜ୍ଞାପିତ କରିବାକୁ ପଠାଗଲା । ସେମାନଙ୍କର ମତାମତ ଯଦି ଥାଏ ତେବେ ନିର୍ଧାରିତ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ଅନୁରୋଧ ।

ଏହାର ଏକ କିତା ନକଲ **ଶୁକ୍ରୁଳି ତହସିଲ ଅଫିସ ନୋଟିସ** ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ତହସିଲଦାର,ଶୁକ୍ରୁଳି

TAHASILDAR
SUKRULI

**ପରିପତ୍ର ସଂଖ୍ୟା** ୨୨୦୪ //**ତା** ୧୨/୧୧/୨୫

ଏହାର ଏକ କିତା ନକଲ **DeGM**, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା।

ତହସିଲଦାର,ଶୁକ୍ରୁଳି

TAHASILDAR
SUKRULI